ମୃତ୍ୟୁକାଳଜ୍ଞାନ

ପ୍ରକାଶକ—

ଶ୍ରୀ ମାଧବଚନ୍ଦ୍ର ଦାନ୍ ଓ ଶ୍ରୀ ବଂଶୀଧର ଦାନ୍ ଓଗେର

କଟକ, ଅରୁଣୋଦୟ ପ୍ରେସରେ

ଷଷ୍ଠବାର ମୁଦ୍ରିତ ।

୧୯୪୭

ମୂଲ୍ୟ ଟ • ୵ ଦୁଇଅଣା ମାତ୍ର ।

GPNanda Colln., Digitized by srujanika@gmail.com

ମୃତ୍ୟୁକାଳଜ୍ଞାନ

ପାର୍ବତ୍ୟୁବାଚ ।

କୈଳାସଶିଖରେ ରମ୍ୟେ ଗୌର୍ଯ୍ୟା ପୃଚ୍ଛତି ଶଙ୍କରଂ ।
ଅଧୁନା ବ୍ରୂହି ମେ ନାଥ କାଳଚିହ୍ନଂ ଯଥାଯଥଂ ।୧।

ଈଶ୍ୱର ଉବାଚ ।

ବଦାମି କାଳଚିହ୍ନାନି ଜାୟତେ ଯାନି ଦେହିନାଂ ।
ମୃତ୍ୟୌ ନିକଟମାପନ୍ନେ ଭଦ୍ରେ ତାନି ନିଶାମୟ ।୨।
ଯାମ୍ୟନାସାପୁଟେ ଯସ୍ୟ ବାୟୁର୍ଯାତି ଦିବାନିଶଂ ।
ଅଖଣ୍ଡମେବ ତସ୍ୟାୟୁଃ ଷୟେଦହ୍ନାତ୍ରୟେଣ ହି ।୩।

---

୧ । କୈଳାସଶିଖରର ରମ୍ୟସ୍ଥାନରେ ଏକାସନରେ ଉପବିଷ୍ଟ ହୋଇ ପାର୍ବତୀ ମହାଦେବଙ୍କୁ ପଚାରିଲେ ହେ ନାଥ ! କାଳ ଅର୍ଥାତ୍ ମୃତ୍ୟୁ ଆଗତ ହେଲେ ଯାହା ଯାହା ଦୃଶ୍ୟ ହୁଏ, ତାହା ଇଦାନୀଂ ମୋ ଆଗରେ ସମୁଦାୟ ପ୍ରକାଶ କରି କହନ୍ତୁ ।

୨ । ପାର୍ବତୀଙ୍କୁ ସମ୍ବୋଧନ କରି ମହାଦେବ କହୁଅଛନ୍ତି, ହେ ଭଦ୍ରେ ! ମନୁଷ୍ୟମାନଙ୍କର ମୃତ୍ୟୁ ନିକଟ ହେଲେ ଯେଉଁ ସମସ୍ତ ଲକ୍ଷଣ ହୁଏ ତାହା ମୁଁ ବିସ୍ତାରକରି କହୁଅଛି ଶ୍ରବଣ କର ।

୩ । ଯାହାର କେବଳ ଦକ୍ଷିଣ ନାସାପୁଡ଼ା ଦ୍ୱାରା ଦିବାନିଶି ବାୟୁ ବହେ ତାହାର ଆୟୁ ଅଖଣ୍ଡ ହେଲେ ସୁଦ୍ଧା ସେ ତିନିଦିନେ କ୍ଷୟପ୍ରାପ୍ତ ହୁଏ ।

GPNanda Colln., Digitized by srujanika@gmail.com

ଦ୍ୱ୍ୟହୋରାତ୍ରଂ ତ୍ର୍ୟହୋରାତ୍ରଂ ବାୟୁର୍ବହତି ସନ୍ତତଃ ।
ସାର୍ଦ୍ଧୈକମାସାତ୍ସ୍ୟାପି ଜୀବିତଂ କଳ ସ୍ଥାସ୍ୟତେ ।୩।
ନରନାସାପୁଟଯୁଗେ ଦଶାହାନି ନିରନ୍ତରଂ ।
ବାୟୁଂଶ୍ଚେତ୍ ଶୀଘ୍ରଗୋ ଯସ୍ୟ ସ ଜୀବେଦ୍ଦିବସତ୍ରୟଂ ।୪।
ନାସାବର୍ତ୍ମଦ୍ୱୟଂ ହିତ୍ୱା ଯସ୍ୟ ବାୟୁର୍ମୁଖାଦ୍ ବହେତ୍ ।
ସୋଽପି ଦିନଦ୍ୱୟଂ ସ୍ଥିତ୍ୱା ତତୋ ଯମପୁରଂ ବ୍ରଜେତ୍ ।୬।
ସୂର୍ଯ୍ୟେ ସପ୍ତମରାଶିସ୍ଥେ ଜନ୍ମର୍କସ୍ଥେ ନିଶାକରେ ।
ତସ୍ୟାୟୁଃକାଳପୂର୍ଣ୍ଣଂ ସ୍ୟାଦ୍ୱାୟୁର୍ଦ୍ଦକ୍ଷିଣଗୋ ଯଦା ।୭।

---

୪ । ଯେବେ ମନୁଷ୍ୟର ଦୁଇ ନାସାପୁଟଦ୍ୱାରା ଦୁଇ କିମ୍ବା ତିନିଦିନ ଦିବାରାତ୍ର ବାୟୁ ନିରନ୍ତର ଦୈବଳରୂପେ ବହମାନ ହୁଏ ତେବେ ସେହି ବ୍ୟକ୍ତି ଅର୍ଦ୍ଧାଧିକ ଏକମାସ ଅର୍ଥାତ୍ ପଇଁତାଳିଶଦିନ ଅହୋରାତ୍ର ଜୀବିତ ରହି ତଦନନ୍ତର ମୃତ ହୁଏ ।

୫ । ଯେଉଁ ମନୁଷ୍ୟର ନାସିକା ଦୁଇପୁଟଦ୍ୱାରା ନିରନ୍ତର ଦଶଦିନ ବାୟୁ ଖରତର ହୋଇ ବହମାନ ହୁଏ, ତାହାର ତିନି-ଦିନ ଅନ୍ତରେ ମୃତ୍ୟୁ ହୁଏ ।

୬ । ଯାହାର ବାୟୁ ନାସାପଥଦ୍ୱୟ ପରିତ୍ୟାଗ କରି କେବଳ ମୁଖଦ୍ୱାରା ବହେ,ସେ ଦୁଇଦିନ ରହି ଯମଭୁବନ ଗମନ କରେ ।

୭ । ଯେଉଁ ବ୍ୟକ୍ତିର ଜନ୍ମରାଶିର ସପ୍ତମସ୍ଥାନରେ ସୂର୍ଯ୍ୟ ଅବସ୍ଥିତ କରନ୍ତି, ଚନ୍ଦ୍ର ଜନ୍ମରାଶିରେ ଥାନ୍ତି ଏବଂ କେବଳ ଦକ୍ଷିଣ ନାସାପୁଟଦ୍ୱାରା ବାୟୁ ବହେ, ତେବେ ତାହାର କାଳ ପରିପୂର୍ଣ୍ଣ ହୋଇଅଛି ବୁଝିବାକୁ ହେବ ।

GPNanda Colln., Digitized by srujanika@gmail.com

ଅକସ୍ମାଦ୍ଦୃଶ୍ୟତେ ଯସ୍ତୁ ପୁରୁଷଂ କୃଷ୍ଣପିଙ୍ଗଳଂ ।
ତତ୍କ୍ଷଣେ ଜଳରୂପଂ ଚେତ୍ ସ ଜୀବେଦ୍ବତ୍ସରଦ୍ୱୟଂ ।୮।
ଯସ୍ୟ ରେତୋ ମଳଂ ମୂତ୍ରଂ କ୍ଷୁତଂ ମଳଯୁତଂ ତଥା ।
ଯଦୈକଦା ଭବେଦ୍ୟସ୍ୟ ବତ୍ସରଂ ଜୀବିତଂ ଧ୍ରୁବଂ ।୯।
ଚନ୍ଦ୍ରଂ ନୀଳଜଳଂ ବ୍ୟୋମ୍ନି ନାଗବୃନ୍ଦଂ ଯଦୀକ୍ଷ୍ୟତେ ।
ଇତସ୍ତତଃ ପ୍ରସରଣଂ ଷଣ୍ମାସଂ ସ ତୁ ଜୀବତି । ୧୦ ।
ସଦା ସ୍ୱୋଦରପୂର୍ଣ୍ଣସ୍ୟ ବାଞ୍ଛା ଚ ଜଳାଶନଂ ।
ପ୍ରତ୍ୟକ୍ଷେଶ୍ଚଛତୁଃ ପଥି ପଶ୍ଚାତ୍ ଷଣ୍ମାସ ଜୀବତି । ୧୧ ।

---

୮ । ଯେଉଁ ବ୍ୟକ୍ତି ଅକସ୍ମାତ୍ କୃଷ୍ଣ ଓ ପିଙ୍ଗଳବର୍ଣ୍ଣ ପୁରୁଷ ଦେଖେ ଏବଂ ସେହି ମୁହୂର୍ତ୍ତରେ ମଧ୍ୟ ଆପଣାର ରୂପ ଦେଖାଯାଏ, ତେବେ ସେ ସେହିକ୍ଷଣଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଜୀବିତ ରହି ତତ୍ପରେ ମରିଯାଏ ।

୯ । ଯାହାର ବୀର୍ଯ୍ୟ, ବିଷ୍ଠା, ମୂତ୍ର, ମଳନ ଓ ଦୁର୍ଗନ୍ଧ ଏବଂ ଏକ ସମୟରେ ହୁଏ ଅର୍ଥାତ୍ ସ୍ୱଭାବରୁ ଅନ୍ୟଥା ହୋଇ ଏକାବେଳକେ ସବୁ ଦେଖାଯାଏ, ସେ ବ୍ୟକ୍ତି ଏକବର୍ଷ ପର୍ଯ୍ୟନ୍ତ ଜୀବିତ ରହେ ।

୧୦ । ଯେଉଁ ବ୍ୟକ୍ତି ଆକାଶରେ ନୀଳଅଭ୍ରବିଶିଷ୍ଟ ଚନ୍ଦ୍ରଙ୍କୁ ଏବଂ ଇତସ୍ତତଃ ବିସ୍ତୃତ ସର୍ପସମୂହକୁ ଦର୍ଶନ କରେ, ସେ ବ୍ୟକ୍ତି ଛଅମାସ ଜୀବିତ ଥାଏ ।

୧୧ । ସର୍ବଦା ଜଳାହାରରେ ଉଦର ପୂର୍ଣ୍ଣ ଥାଏ ଅଥଚ ଢବାଗ୍ନି ଜଳ ପାନ କରିବାକୁ ଇଚ୍ଛା ହୁଏ, ସେ ବ୍ୟକ୍ତିର ଗ୍ଳ କମ୍ପା ପାଞ୍ଚମାସ ଅତୀତ ହେଲେ ମଧ୍ୟ ଛଅମାସରେ ମୃତ୍ୟୁ ହୁଏ ।

GPNanda Colln., Digitized by srujanika@gmail.com

ଅରୁନ୍ଧତୀଂ ଧ୍ରୁବଂ ଚୈବ ବଷ୍ଣୋସ୍ତ୍ରୀଣି ପଦାନି ଚ ।
ଆସନ୍ନମୃତ୍ୟୁର୍ନୋ ପଶ୍ୟେଚ୍ଚତୁର୍ଥଂ ମାତୃମଣ୍ଡଳଂ । ୧୨ ।

ଯଥା ଉକ୍ତ ସ୍ୱରପ୍ରକାର ନିର୍ଣ୍ଣୟ ।

ଅରୁନ୍ଧତୀ ଭବେଜ୍ଜିହ୍ୱା ଧ୍ରୁବଂ ନାସାଗ୍ରମୁଚ୍ୟତେ ।
ବଷ୍ଣୋଃ ପଦାନି ଭ୍ରୂମଧ୍ୟଂ ନେତ୍ରୟୋର୍ମାତୃମଣ୍ଡଳଂ । ୧୩ ।
ଭଦ୍ରେଽହ୍ନି ବାରେ ସୂର୍ଯ୍ୟସ୍ୟ ପୁଷ୍ଟୀକୃତ୍ୟ ଦବାଦ୍ଦକଂ ।
ପ୍ରକୃତ୍ୟାପ୍ସୁ ଚ ପଶ୍ୟେଦ୍ଧା ଷଣ୍ମାସେନ ସ ମୃତ୍ୟୁଭାକ୍ । ୧୪ ।
ଯସ୍ୟ ବର୍ଣ୍ଣଂ ଭବେନ୍ନୀଳଂ କଟ୍ୱମ୍ଳଲବଣସ୍ୟ ଚ ।
ଅକସ୍ମାଦନ୍ୟଥାଭୂବଂ ଷଣ୍ମାସେନ ସ ମୃତ୍ୟୁଭାକ୍ । ୧୫ ।

---

୧୨ । ଅରୁନ୍ଧତୀ, ଧ୍ରୁବ, ବିଷ୍ଣୁଙ୍କର ପଦତ୍ରୟ ଓ ମାତୃମଣ୍ଡଳ ଗତାୟୁ ବ୍ୟକ୍ତି ଏହି ଚାରି ପ୍ରକାର ଦର୍ଶନ ପାଏ ନାହିଁ ।

୧୩ । ଜିହ୍ୱାକୁ ଅରୁନ୍ଧତୀ, ନାସାଗ୍ରକୁ ଧ୍ରୁବ, ଭ୍ରୂମଧ୍ୟଦେଶକୁ ବିଷ୍ଣୁପଦତ୍ରୟ, ନେତ୍ରଦ୍ୱୟକୁ ମାତୃମଣ୍ଡଳ କୁହାଯାଏ ।

୧୪ । ଯେଉଁ ବ୍ୟକ୍ତି ଭଦ୍ରମାସର ରବିବାରର ଦବାଷ୍ଟଗରେ ଜଳମଧ୍ୟରେ ପ୍ରକୃତରୂପ ଦବାଦ୍ଧ ଦେଖେ ତାହାର ଛଅମାସ ମଧ୍ୟରେ ମୃତ୍ୟୁ ହୁଏ ।

୧୫ । ଯେଉଁ ବ୍ୟକ୍ତିର ଶରୀର ନୀଳବର୍ଣ୍ଣ ହୁଏ ଏବଂ କଟୁ, ଅମ୍ଳ, ଲବଣ ଇତ୍ୟାଦି ଦ୍ରବ୍ୟ ଆସ୍ୱାଦନର ଅନ୍ୟଥାଭାବ ପ୍ରାପ୍ତ ହୁଏ ତାହାର ଛଅମାସରେ ମୃତ୍ୟୁ ହୁଏ ।

GPNanda Colln., Digitized by srujanika@gmail.com

ସାମର୍ଥ୍ୟଂ ରମଣାନ୍ତେ ଚ କ୍ଷୁଭିତଂ ଧ୍ୱାନ୍ତଦର୍ଶନେ ।
କଣ୍ଠିତଂ ପଞ୍ଚମେ ମାସି ଧର୍ମରାଜାତିଥିର୍ଭବେତ୍ । ୧୬ ।
ଷଣ୍ମାସାନ୍ମୃତ୍ୟୁମେକସ୍ୟ କଣ୍ଠୋଷ୍ଠରସନାରଦାଃ ।
ଶୁଷ୍ୟନ୍ତି ସତତଂ ତଦ୍ବଦ୍ବଚ୍ଛାସ୍ୟସ୍ଥାନୁପର୍ଥିମାଃ । ୧୭ ।

ଉତ୍ତମାରୂଢଶକଟଃ ସ୍ତ୍ରୀବନ୍ତ ଯସ୍ୟ ମସ୍ତକଃ ।
ପ୍ରସ୍ଥିତ ଯାତି ତସ୍ୟାୟୁ ଷଣ୍ମାସାଚ୍ଛ ପରକ୍ଷୟଂ । ୧୮ ।
ପ୍ରତ୍ୟୁଷେ ଚରଣଂ ହସ୍ତଂ ହୃଦୟଂ ଯସ୍ୟ ଶୁଷ୍ୟତି ।
ଜ୍ଞାନାମୃତ୍ୟୁକାଳଜ୍ଞାନେନ ତ୍ରିମାସଂ ତସ୍ୟ ଜୀବନଂ । ୧୯ ।

---

୧୬ । ସ୍ୱସାମର୍ଥ୍ୟରେ ରମଣୀରମଣାନ୍ତେ ଯଦ ଅନ୍ଧକାର ଦୃଷ୍ଟି ହୋଇ ମନରେ କ୍ଷୋଭିତ ହୁଏ ତେବେ ସେହି ବ୍ୟକ୍ତି ପଞ୍ଚମାସରେ ଶମନ ନଗରର ଅତିଥି ହୁଏ ।

୧୭ । ଯାହାର କଣ୍ଠ, ଓଷ୍ଠ, ରସନା, ଦନ୍ତ ଏବଂ ଶରୀର ସର୍ବଦା ଶୁଷ୍କ ହୁଏ ଏବଂ ଶୋଭାହୀନ ହୁଏ, ଛଅମାସ ମଧ୍ୟରେ ତାହାର ମୃତ୍ୟୁ ହୁଏ ।

୧୮ । ଅତ ସତ୍ୱର ଗତିରେ ଶକଟ ଆରୋହଣ କାଳରେ ସ୍ତ୍ରୀଚିହ୍ନଯୁକ୍ତ-ମସ୍ତକ ବ୍ୟକ୍ତି ଯାହା ସମ୍ମୁଖକୁ ଆସେ, ତାହାର ଛଅମାସରେ ମୃତ୍ୟୁ ହୁଏ ।

୧୯ । ପ୍ରଭାତକାଳରେ ଯାହାର ହୃଦୟ, ଚରଣ ଓ ହସ୍ତ ଶୁଷ୍କ ହୁଏ, ସେହି ବ୍ୟକ୍ତି ତିନମାସ ପର୍ଯ୍ୟନ୍ତ ଜୀବିତ ଥାଏ ।

GPNanda Colln., Digitized by srujanika@gmail.com

ପୃଥ୍ୱୀ ଦ୍ୱିର୍ଭବେଦ୍ ଯସ୍ୟ ପଦଂ ଖଣ୍ଡପଦାକୃତିଃ ।
ପର୍ଣ୍ଣ ବା କଣ୍ଠମେବାପି ପଞ୍ଚମାସ ସ ଜୀବତି । ୧୦ ।
ଅକସ୍ମାଦ୍‌ଗାତ୍ର କମ୍ପଂ ଚ ଭବେଦ୍ ଯସ୍ୟାପି ନିଶ୍ଚଳେ ।
କୃତାନ୍ତସଦନଂ ଦୂତା ଚତୁର୍ଥେ ମାସି ତଂ ନୟେତ୍ ।୧୧।
ନିଜାସ୍ୟ ପ୍ରତିବିମ୍ବଂ ଚ ନୀରଦର୍ଶମୁକୁରାଦିଷୁ ।
ଉତ୍ତମାଙ୍ଗଂ ଯୋ ନ ପଶ୍ୟେତ୍ ଷଣ୍ମାସେନ ବିନଶ୍ୟତି ।୧୨।
ମତିଭ୍ରଂଶଃ ସ୍ଖଳଦ୍‌ବାଣୀ ଧନୁ ଶ୍ଛିଦ୍ରଂ ନ ଦୃଶ୍ୟତେ ।
ରାତ୍ରୌ ଚନ୍ଦ୍ରଦ୍ୱୟଂ ବାପି ରାତ୍ରୌ ଚନ୍ଦ୍ରଦିବାକରୌ ।୧୩।
ଦିବା ବା ତାରକା ଚନ୍ଦ୍ରଂ ରାତ୍ରୌ ବ୍ୟୋମବିତାରକଂ ।
ଯୁଗପଚ୍ଚ ଚତୁର୍ଦ୍ଦିକ୍ଷୁ ଶକ୍ରକୋଦଣ୍ଡମଣ୍ଡଳଂ । ୧୪ ।

---

୧୦ । ଅକସ୍ମାତ୍ ସ୍ୱପ୍ନରେ ଯେଉଁ ବ୍ୟକ୍ତି ପୃଥିବୀକି ଦ୍ୱିଖଣ୍ଡ ବା ଚତୁର୍ଥାଂଶର ଏକାଂଶ ଅଥବା ପାର୍ଶ୍ୱ ଦେଶରେ କଣ୍ଠଦେଶ ଦର୍ଶନ କରେ ସେ ବ୍ୟକ୍ତି ପାଞ୍ଚମାସ ଜୀବିତ ରହେ ।

୧୧ । ହେ ଦେବ ! ନିଶ୍ଚଳ ଅବସ୍ଥାରେ ଯାହାର ଅକସ୍ମାତ୍ ଦେହ କମ୍ପ ହୁଏ, ତାହାକୁ କୃତାନ୍ତଦୂତ ଚତୁର୍ଥମାସରେ ଧରି ନେଇଯାଏ ।

୧୨ । ନିଜ ମୁଖର ପ୍ରତିମୂର୍ତ୍ତି ଜଳରେ ଅଥବା ଦର୍ପଣାଦିରେ ଯେଉଁ ବ୍ୟକ୍ତି ଉତ୍ତମରୂପେ ଦେଖି ନ ପାରେ ତାହାର ଷଣ୍ମାସରେ ମୃତ୍ୟୁ ହୁଏ ।

୧୩।୧୪।୧୫ । ମତି ଭ୍ରମ ହୋଇ ଯାହାର ବାକ୍ୟ ସ୍ଖଳିତ ହୁଏ ଏବଂ ଧନୁ ଓ ଛିଦ୍ର ଦୃଷ୍ଟି ନ ହୁଏ ରାତ୍ରିରେ ଦୁଇ ଚନ୍ଦ୍ର ଅଥବା ଚନ୍ଦ୍ର ସୂର୍ଯ୍ୟ ଆଉ ଦିବସରେ ନକ୍ଷତ୍ର ସହିତ ଚନ୍ଦ୍ର,

GPNanda Colln., Digitized by srujanika@gmail.com

ଭୂଧରେଷୁ ଭୂଧରାଗ୍ରେ ବା ଗନ୍ଧର୍ବନଗରଞ୍ଚ ।
ଦିବାନିଶି ଚନ୍ଦ୍ରସୂ ଏତେ ପଞ୍ଚତ୍ୱ ହେତବଃ । ୧୫ ।
କରବରୁଦ୍ଧ୍ୟ ଶ୍ରବଣେ ନ ଶୃଣୋତି ହଠାଦ୍ଧ୍ୱନିଂ ।
ସ୍ଥୂଳଂ କୃଶଂ କୃଶଂ ସ୍ଥୂଳଂ ତଦ୍ଧାମାସାନୁବର୍ତ୍ତେ । ୧୬ ।
ଯୋ ନ ପଶ୍ୟେନ୍ନିଜଚ୍ଛାୟାଂ ଦର୍ପଣାଦ୍ୟସମାଶ୍ରିତାଂ ।
ଦିନାନ୍ନ ପଞ୍ଚ ଷଡ଼ଦ୍ୱା ପଞ୍ଚତ୍ୱଂ ପ୍ରାପ୍ନୁୟାତ୍ ସଃ । ୧୭ ।
ସାଦେପ ଭକ୍ଷ୍ୟତେ ବାପି ପିଶାଚ-ଗଣରାକ୍ଷସୈଃ ।
ଭୂତୈଃ ପ୍ରେତୈଃ ଶ୍ୱାନଖରୈର୍ଗୋମାୟୁଗୃଧ୍ରଶୂକରୈଃ । ୧୮ ।

ରାତ୍ରରେ ନକ୍ଷତ୍ର ହୀନ ଆକାଶ ଓ ଏକକାଳରେ ଚତୁର୍ଦ୍ଦିଗରେ ଇନ୍ଦ୍ରଧନୁର ମଣ୍ଡଳ ସହିତ ଏବଂ ପର୍ବତ ଓ ପର୍ବତାଗ୍ରେ ଗନ୍ଧର୍ବମାନଙ୍କର ନଗରଞ୍ଚ, ଆଉ ଦିବାରେ ଚନ୍ଦ୍ର, ରାତ୍ରରେ ସୂର୍ଯ୍ୟର ଆକୃତି ଏହି ସମୁଦାୟ ଦେଖାଗଲେ ପଞ୍ଚତ୍ୱର ହେତୁ ହୁଏ ।

୧୬ । ଯାହାର ଅକସ୍ମାତ୍ ହସ୍ତ ଅବରୋଧ ହୁଏ ଓ ଶ୍ରବଣରେ ଶବ୍ଦ ଶୁଣା ନ ଯାଏ ଏବଂ ସ୍ଥୂଳବ୍ୟକ୍ତି କୃଶ ଓ କୃଶବ୍ୟକ୍ତି ସ୍ଥୂଳ ହୁଏ, ସେହି ବ୍ୟକ୍ତି ଏକମାସ ମଧ୍ୟରେ ପଞ୍ଚତ୍ୱ ପ୍ରାପ୍ତ ହୁଏ ।

୧୭ । ଯେଉଁ ବ୍ୟକ୍ତି ଆପଣାର ଛାୟା ଦର୍ପଣାଦିରେ ସମ୍ୟକ୍ ପ୍ରକାରରେ ଦେଖି ନ ପାରେ ସେହି ବ୍ୟକ୍ତି ପଞ୍ଚଦିନ ଭିତରହି ପଞ୍ଚତ୍ୱ ପ୍ରାପ୍ତ ହୁଏ ।

୧୮।୧୯ । ସ୍ୱପ୍ନରେ ଭକ୍ଷଣ କରୁଥିବା ପିଶାଚ, ଡାକୁଣୀ, ରାକ୍ଷସ, ଭୂତ, ପ୍ରେତ, କୁକ୍କୁର, ଗଧ, ଶୃଗାଳ, ଶାଗୁଣା, ଶୂକର, ଶରଭ, ହିଣ୍ଟିକା, ଛଞ୍ଚାଣପକ୍ଷୀ, ଘୋଟକ, ଖଚର,

GPNanda Colln., Digitized by srujanika@gmail.com

ଶରଭୈଃ ଶଲ୍ଲକୈର୍ଭଲ୍ଲୈଃ ଶ୍ୱଭିର୍ବୈରଶ୍ୱୈରଶ୍ୱତରୈର୍ବକୈଃ ।
ସ୍ୱପ୍ନେ ଦୃଷ୍ଟ୍ୱା ହି ସ ତ୍ୟକ୍ତ୍ୱା ବର୍ଷାନ୍ତେ ଯମମୀକ୍ଷତେ । ୨୯ ।
ଗନ୍ଧପୁଷ୍ପାଂଶୁକୈର୍ମାଂସୈଃ ସ୍ୱଦେହଂ ଭୂଷିତଂ ପରଂ ।
ଯଃ ପଶ୍ୟେତ୍ତୁ ସ୍ୱପ୍ନସମୟେ ସୋଽଷ୍ଟମାସାନ୍ନ ଜୀବତି । ୩୦ ।
ପାଂଶୁରାଶିଂ ଚ ବଲ୍ମୀକଂ ଯୂପଦଣ୍ଡମଥାପି ବା ।
ଯୋଽଧିରୋହତି ବୈ ସ୍ୱପ୍ନେ ସ ଷଣ୍ମାସି ନଶ୍ୟତି । ୩୧ ।
ରାସଭାରୂଢମାତ୍ମାନଂ ତୈଳାଭ୍ୟଙ୍ଗୀ ଖଣ୍ଡିତଂ ।
ନୀୟମାନଂ ସ୍ୱାଲୟେ ଚ ସ୍ୱପ୍ନେ ପଶ୍ୟେତ୍ତୁ ସ ପୂର୍ବଜାନ୍ । ୩୨
ଶମନଂ ତଦ୍ଗଣଂ ବାପି ଯଃ ପଶ୍ୟେତ୍ତୁ ସ୍ୱପ୍ନଗୋଚରେ ।
ହନ୍ୟାନ୍ନ ଶୁଷ୍କକାଷ୍ଠାନ୍ନ ଷଷ୍ଠେ ମାସି ନ ତିଷ୍ଠତି । ୩୩ ।

ଏବଂ ବକ ଏହିସବୁ ସ୍ୱପ୍ନରେ ଦର୍ଶନ କଲେ ଜୀବନ ଆଶା ପରିତ୍ୟାଗ କରି ଏକବର୍ଷ ଅନ୍ତେ ଯମଦର୍ଶନ କରେ ।

୩୦ । ଚନ୍ଦନ, ପୁଷ୍ପ, ବସ୍ତ୍ର ଓ ମାଂସଦ୍ୱାରା ନିଜ ଶରୀର ଭୂଷିତ ହେବା ସ୍ୱପ୍ନ ସମୟରେ ଯେ ଦର୍ଶନ କରେ ସେ ବ୍ୟକ୍ତି ଅଷ୍ଟମାସାବଧି ଜୀବିତ ରହି ମୃତ୍ୟୁକୁ ପାଏ ।

୩୧ । ଧୂଳିଗଦା, ଉଈହୁଙ୍କା, ଯାଗସ୍ତମ୍ଭ ଏବଂ ଯଷ୍ଟି ଏହା ସବୁ ଯେଉଁ ବ୍ୟକ୍ତି ସ୍ୱପ୍ନରେ ଅବରୋହଣ କରେ ତାହାର ଷଷ୍ଠ ମାସରେ ମୃତ୍ୟୁ ହୁଏ ।

୩୨ । ୩୩ । ଆପଣାକୁ ଗର୍ଦ୍ଦଭାରୋହୀ ଏବଂ ତୈଳାଭ୍ୟଙ୍ଗ ଓ ଛିନ୍ନାଙ୍ଗ ଏହି ନିୟମରେ ଆପଣା ଘରେ ସ୍ୱପ୍ନରେ ଦେଖିଲେ ଏବଂ ପୂର୍ବୋକ୍ତ ଗଧ ଆରୋହଣରେ ଶମନ ଓ ଯମଦୂତରେ ସାକ୍ଷାତ ଦର୍ଶନ ହେଲେ କିମ୍ବା ଛିନ୍ନୀକୃତ ଶୁଷ୍କକାଷ୍ଠ ସ୍ୱପ୍ନରେ ଦେଖାଗଲେ ସେହି ମନୁଷ୍ୟ ଛଅମାସରେ ମୃତ୍ୟୁ ଲଭିବ ।

GPNanda Colln., Digitized by srujanika@gmail.com

ଲୌହଦଣ୍ଡଧରଂ କୃଷ୍ଣଂ ପୁରୁଷଂ କୃଷ୍ଣବାସସଂ ।
ସ୍ୱପ୍ନମଗ୍ରସ୍ଥିତଂ ପଶ୍ୟେତ୍ତସ୍ୟ ମୃତ୍ୟୁଃ ପ୍ରଜାୟତେ । ୩୪ ।
କାଳୀଂ କୁମାରୀଂ ଯଃ ସ୍ୱପ୍ନେ ବଧ୍ନୀୟାତ୍ ବହୁପାଶକୈଃ ।
ସ ମାସେନ ସମୀକ୍ଷ୍ୟେତ ନଗରୀଂ ଶମନୋଷିତାଂ । ୩୫ ।
ନରେ ଯେ ବାନରାରୂଢ଼ୋ ପ୍ରୟାତି ପ୍ରତୀଚୀଂ ଦିଶଂ ।
ସ୍ୱପ୍ନେ ଦୃଷ୍ଟ୍ୱା ପଞ୍ଚମେଽହ୍ନି ଯେ୍ୟତି ଯମସଦନଂ ପୁରଂ । ୩୬ ।
କୃପଣୋଽପି ବଦାନ୍ୟୋ ବା ବଦାନ୍ୟଃ କୃପଣୋଽପି ବା ।
ପ୍ରକୃତେର୍ବିକୃତଃ ସ୍ୟାଚ୍ଛେତ୍ତଦା ପଞ୍ଚତ୍ୱମାଟତଃ । ୩୭ ।

---

୩୪ । ଲୌହଦଣ୍ଡଧାରୀ କୃଷ୍ଣବର୍ଣ୍ଣ ପୁରୁଷ କୃଷ୍ଣବସ୍ତ୍ର ପରିଧାନ କରି ସ୍ୱୟଂ ଅଗ୍ରସ୍ଥିତ ହୋଇଥିବାର ସ୍ୱପ୍ନରେ ଦୃଷ୍ଟ ହେଲେ ତାହାର ଶୀଘ୍ର ମୃତ୍ୟୁ ହୁଏ ।

୩୫ । ଯେଉଁ ବ୍ୟକ୍ତି ସ୍ୱପ୍ନରେ କୃଷ୍ଣାଙ୍ଗୀ କୁମାରୀକି ବହୁରଜ୍ଜୁ ଦ୍ୱାରା ବନ୍ଧନକରେ ସେ ବ୍ୟକ୍ତି ଏକମାସମଧ୍ୟରେ ଯମନଗରକୁ ଗମନକରେ ।

୩୬ । ଯେଉଁ ମନୁଷ୍ୟ ବାନରାରୂଢ ହୋଇ ପଶ୍ଚିମକୁ ଗମନ କରେ ସେହି ବ୍ୟକ୍ତି ପଞ୍ଚମଦିବସରେ ଯମନଗରୀକୁ ଗମନ କରେ ।

୩୭ । ଯଦି କୃପଣ ସହସା ବଦାନ୍ୟ ହୁଏ ଓ ବଦାନ୍ୟ କୃପଣ ହୁଏ ଏବଂ ସହସା ପ୍ରକୃତିର ବିକୃତ ହୁଏ, ତେବେ ସେହି ଲୋକର ମୃତ୍ୟୁ ହୁଏ ।

GPNanda Colln., Digitized by srujanika@gmail.com

ଦେବମଧ୍ୟଗତେ ଶୁକ୍ର-ସୋମଚ୍ଛାୟାଂ ମଳନ୍ତାଂ ।
ଯ ପଶ୍ୟେଦ୍ଯଦି ଦୈବାଲ୍ଲ ଜୀବେତ୍ତସ୍ମାତ୍ପରଂ । ୩୮ ।
ଅରଶ୍ମି ବିଘ୍ନଂ ସୂର୍ଯ୍ୟସ୍ୟ ମଳନଂ ପାବକସ୍ୟ ଚ ।
ବର୍ଣ୍ଣେକୋ ଦଶମାସସ୍ତୁ ତତ୍ତୁର୍ଦ୍ଧ୍ୱଂ ନ ତୁ ଜୀବତି । ୩୯ ।
ତ୍ୟଜେତ କାକବିଷ୍ଠାଭିଃ ପାଂଶୁବର୍ଷେଣ ବା ପୁନଃ ।
ସ୍ୱଚ୍ଛାୟାମନ୍ୟଥା ଦୃଷ୍ଟ୍ୱା ଯସ୍ତୁ ପଞ୍ଚମ ଜୀବତି । ୪୦ ।
ଅନଭ୍ରାଙ୍ଗ ତଡ଼ିଦ୍ଦୃଷ୍ଟ୍ୱା ଦକ୍ଷିଣାଂ ଦିଶି ଯଦା ।
ତଦୈକଂ ଧନୂଦଂ ଦୃଷ୍ଟଂ ଜୀବେତ ତ୍ରିମାସକଂ । ୪୧ ।

---

୩୮ । ଦେବତାଙ୍କ ମଧ୍ୟରେ ଶୁକ୍ର ଓ ଚନ୍ଦ୍ରକୁ ମଳନ୍ତା ହୋଇଥିବାର ଯେଉଁ ବ୍ୟକ୍ତି ଦର୍ଶନ କରେ ସେ ଏକବର୍ଷରୁ ଊର୍ଦ୍ଧ୍ୱ ପ୍ରାଣ ଧାରଣ କରେ ନାହିଁ ।

୩୯ । ରଶ୍ମି ହୀନ ନାନାବିଘ୍ନଯୁକ୍ତ ସୂର୍ଯ୍ୟ ଏବଂ ମଳନତା ଯୁକ୍ତ ଅଗ୍ନି ଦର୍ଶନ କଲେ ଦଶମାସରୁ ଊର୍ଦ୍ଧ୍ୱ ବଞ୍ଚେ ନାହିଁ ।

୪୦ । କାକବିଷ୍ଠା ତୁଲ୍ୟ ଓ ଧୂଳିବର୍ଷଣ ତୁଲ୍ୟ ଯେଉଁ ବ୍ୟକ୍ତି ବିଷ୍ଠା ତ୍ୟାଗ କରେ ଅଥବା ସ୍ୱଚ୍ଛାୟାର ଅନ୍ୟଥା ଦେଖେ ସେ ପଞ୍ଚମାସାଧିକ ଜୀବିତ ରହେ ନାହିଁ ।

୪୧ । ଅଭ୍ରଭ୍ରାରେ ଦକ୍ଷିଣଦିଗରେ ବିଦ୍ୟୁତ ଦର୍ଶନ ଯଦି ହୁଏ ସେହି ସମୟରେ ଯେଗାଟିଏ ଇନ୍ଦ୍ରଧନୁ ଦର୍ଶନ କଲେ ତିନି ମାସ ଜୀବିତ ରହି ମୃତ୍ୟୁ ହୁଏ ।

GPNanda Colln., Digitized by srujanika@gmail.com

ଘୃତେ ତୈଳେ ଦର୍ପଣେ ଚ ତୋୟେ ବା ତନୁବାନଷ୍ଟଂ ।
ଯଃ ପଶ୍ୟତୁ ଶିରସ୍ସ୍କନ୍ଧଂ ମ ସାଦୁର୍ଦ୍ଧ୍ୱଂ ନ ଜୀବତି । ୪୨ ।
ଯସ୍ୟ ବକ୍ତ୍ରେ ଶବଗନ୍ଧୋ ଗାତ୍ରବସନେଷ୍ୱପି ।
ତସ୍ୟାର୍ଦ୍ଧମାସିକଂ ଜ୍ଞେୟଂ ଯୋଗିନଶ୍ଚାପି ଜୀବନଂ । ୪୩ ।
ଯସ୍ୟ ବୈ ସ୍ନାତଗାତ୍ରସ୍ୟ କପୋଳମାଶୁ ଶୁଷ୍ୟତି ।
ପୀତମ୍ପି ଜଳଂ ପଶ୍ୟେଦ୍ଦଶାହଂ ତସ୍ୟ ଜୀବନଂ । ୪୪ ।
ଋକ୍ଷବାନରଯାନସ୍ଥୋ ଯୋ ଗଚ୍ଛେଦ୍ଦକ୍ଷିଣାଂ ଦିଶଂ ।
ସ୍ୱପ୍ନେ ପ୍ରସ୍ଥିତ ତସ୍ୟାପି ମୃତ୍ୟୁରେବ ନ ସଂଶୟଃ । ୪୫ ।

---

୪୨ । ଘୃତ, ତେଳ ଦର୍ପଣ ଓ ଜଳରେ ବାନସ୍ତର ଶସ୍ତର ଦର୍ଶନ ଅଥବା ଶିରୋସ୍ଥାନ ସ୍କନ୍ଧ ଦର୍ଶନ କଲେ ଏକମାସରୁ ଉର୍ଦ୍ଧ୍ୱ ବଞ୍ଚେ ନାହିଁ ।

୪୩ । ଯାହାର ମୁଖରେ, ଗାତ୍ରରେ ଏବଂ ବସନରେ ଶବଗନ୍ଧ ହୁଏ, ସେ ଯୋଗୀ ହୋଇଥିଲେ ସୁଦ୍ଧା ମାସାର୍ଦ୍ଧରୁ ଅଧିକ ବଞ୍ଚେ ନାହିଁ ।

୪୪ । ସ୍ନାନମାତ୍ରେ ଯାହାର ଗଣ୍ଡସ୍ଥଳ ଶୁଷ୍କ ହୁଏ ଏବଂ ଯେ ଜଳକୁ ପୀତବର୍ଣ୍ଣ ଦେଖେ ସେ ଦଶଦିନ ବଞ୍ଚେ ।

୪୫ । ଯେଉଁ ମନୁଷ୍ୟ ସ୍ୱପ୍ନରେ ଭଲ୍ଲୁକ ବା ବାନର ଆରୋହଣ କରି ଆପଣାକୁ ଦକ୍ଷିଣଦେଶକୁ ଯିବାର ଦେଖେ ତାହାର ନିଃସଂଶୟ ମୃତ୍ୟୁ ହୁଏ ।

GPNanda Colln., Digitized by srujanika@gmail.com

ରକ୍ତକୃଷ୍ଣାମ୍ବରଧରୋ ଗାୟତେ ବା ହସେତ୍ତଥା ।
ଦକ୍ଷିଣାଶାଂ ନୟେନ୍ନାରୀଂ ସ୍ୱପ୍ନେ ସ ତୁ ନ ଜୀବତି । ୪୬ ।
ନଗ୍ନଂ କ୍ଷପଣକଂ ସ୍ୱପ୍ନେ ହସମାନଂ ମହାବଳଂ ।
ଏକଂ ବା ବୀକ୍ଷ୍ୟ ବଲ୍ଗନ୍ତଂ ବିଦ୍ୟାନ୍ମୃତ୍ୟୁରୁପସ୍ଥିତଂ । ୪୭ ।
ଆମସ୍ତକଂ ତଳଂ ଯସ୍ତୁ ନିମଗ୍ନଂ ପଙ୍କସାଗରେ ।
ସ୍ୱପ୍ନେ ପଶ୍ୟେତ୍ତଦା ଯସ୍ତୁ ସ ସଦ୍ୟୋ ମ୍ରିୟତେ ନରଃ । ୪୮ ।
କେଶାଙ୍ଗାରସ୍ତଥା ଭସ୍ମ ଶୁଷ୍କଗାମୀ ତଥା ନଦୀ ।
ଦୃଷ୍ଟ୍ୱା ସ୍ୱପ୍ନେ ଦଶାହେ ତୁ ମୃତ୍ୟୁରେକାଦଶେ ଦିନେ । ୪୯ ।
ସୂର୍ଯ୍ୟୋଦୟେ ଶିବା ଯସ୍ୟ କ୍ରୋଶତି ଯଦି ସମ୍ମୁଖଂ ।
ଉପସ୍ୱାତଂ ପଶ୍ଚାତଂ ବା ସଦ୍ୟୋ ମୃତ୍ୟୁଂ ସ ଗଚ୍ଛତି । ୫୦ ।

---

୪୬ । ଯେଉଁ ନର ସ୍ୱପ୍ନରେ ରକ୍ତ ବା କୃଷ୍ଣବସ୍ତ୍ର ପରିଧାନ କରି ଗାନ କରେ ବା ହାସ୍ୟ କରେ, କମ୍ବା ସ୍ତ୍ରୀକି ଦକ୍ଷିଣ ଦିଗକୁ ଘେନିଯାଏ ସେ କଦାପି ବଞ୍ଚେ ନାହିଁ ।

୪୭ । ଯେ ସ୍ୱପ୍ନରେ ଉଲଗ୍ନ ଓ ସୁବେଶିତ ମହାବଳପରାକ୍ରାନ୍ତ କ୍ଷପଣକ ଯୋଗିଙ୍କି ଦେଖେ ତାହାର ମୃତ୍ୟୁ ଉପସ୍ଥିତ ଜାଣିବ ।

୪୮ । ଯେଉଁ ବ୍ୟକ୍ତି ସ୍ୱପ୍ନରେ ଆମସ୍ତକ ସର୍ବଶରୀରକୁ ପଙ୍କରେ ନିମଗ୍ନ ହେବାର ଦେଖେ ସେ ସଦ୍ୟ ମରିଯାଏ ।

୪୯ । ବାଳ, ଅଙ୍ଗାର, ଭସ୍ମ ଏବଂ ଶୁଷ୍କଗାମିନୀ ନଦୀ ସ୍ୱପ୍ନରେ ଦର୍ଶନ ହେଲେ ଦଶଦିନ ଅତୀତେ ଏକାଦଶଦିନରେ ମୃତ୍ୟୁ ହୁଏ ।

୫୦ । ସୂର୍ଯ୍ୟୋଦୟ କାଳରେ ଯାହାର ସମ୍ମୁଖରେ ବା ପଛରେ ବା ଚତୁର୍ଦ୍ଦିଗରେ ଶୃଗାଳ ଚିତ୍କାର କରେ ବା ଗମ କରେ ସେ ସଦ୍ୟ ମୃତ୍ୟୁ ଲାଭ କରେ ।

GPNanda Colln., Digitized by srujanika@gmail.com

ଯସ୍ୟ ବୈ ଭୁକ୍ତମାତ୍ରେଣ ହୃଦୟଂ ବାଧତେ କ୍ଷୁଧା ।
ଜାୟନ୍ତେ ଦନ୍ତହର୍ଷାଶ୍ଚ ସ ଗତାୟୁ ନ ସଂଶୟଃ । ୫୧ ।
ଶକ୍ରାୟୁଧଂ ତ୍ୱର୍ଦ୍ଧରାତ୍ରେ ଦିବା ଗ୍ରହଣକସ୍ତଥା ।
ଦୃଷ୍ଟ୍ୱା ମନ୍ୟେତ ସଂକ୍ଷୀଣମାମୃଣ୍ଣାବ୍ଦମାମୃବତ୍ । ୫୨ ।
ନାସିକା ବକ୍ରତାମେତି କର୍ଣ୍ଣୟୋର୍ନମନୋନ୍ନତିଃ ।
ନେତ୍ରେ ବାଷ୍ପଂ କ୍ଷରେଦ୍‌ଯସ୍ୟ ସ ଗଚ୍ଛେଦ୍‌ଯମମନ୍ଦିରଂ । ୫୩ ।
ମୁଖମାରକ୍ତତାମେତି ଜିହ୍ୱା ଚ ଆମିଷଃ ସଦା ।
ତଦା ପ୍ରାଜ୍ଞୋ ବିଜାନୀୟାନ୍ମୃତ୍ୟୁ ମାସଦ୍ୱୟାନ୍ତରେ । ୫୪ ।
ପିଧାୟ କର୍ଣ୍ଣୌ ନିର୍ଘୋଷଂ ନ ଶୃଣୋତି ନିରନ୍ତରଂ ।
ନଶ୍ୟେତ ଚକ୍ଷୁଷୋ ଜ୍ୟୋତି ର୍ଯସ୍ୟ ଆସନ୍ନ ଜୀବତି । ୫୫ ।

---

୫୧ । ଭୋଜନମାତ୍ରେ ପୁଣି ଯାହାର ହୃଦୟରେ କ୍ଷୁଧାପୀଡ଼ା ହୁଏ ଏବଂ ଦନ୍ତହର୍ଷ ହୁଏ ତାହାର ମରଣ ନିଶ୍ଚୟ ଜାଣିବ ।

୫୨ । ଅର୍ଦ୍ଧରାତ୍ରରେ ଇନ୍ଦ୍ରଧନୁ ଦର୍ଶନ ଏବଂ ଦିବାରେ ଚନ୍ଦ୍ର-ଗ୍ରହଣ ଦର୍ଶନ ଏହି ପ୍ରକାର ଦେଖିବା ମାତ୍ରେ ଆୟୁକ୍ଷୟ ହୁଏ ।

୫୩ । ଯାହାର ନାସିକା ବକ୍ର ହୁଏ ଏବଂ କର୍ଣ୍ଣ ଉନ୍ନତ ବା ଅବନତ ହୁଏ ଆଉ ନେତ୍ରରୁ ବାଷ୍ପ କ୍ଷରଣ ହୁଏ ସେ ଯମଭବନ ଗମନ କରେ ।

୫୪ । ଯାହାର ମୁଖ ସର୍ବଦା ଆରକ୍ତ ହୁଏ ଏବଂ ଜିହ୍ୱା ଆମିଷଯୁକ୍ତ ବୋଧ ହୁଏ ତାହାର ଦୁଇମାସରେ ମୃତ୍ୟୁ ଘଟେ ।

୫୫ । କାନକୁ ବନ୍ଦ କରିଲେ ଯେ ଘୁଘୁ ଶବ୍ଦ ହୁଏ, ତାହା ଯେ ନିରନ୍ତର ଶୁଣି ପାରେ ନା ଏବଂ ଚକ୍ଷୁର ଜ୍ୟୋତି ନାଶ ହୁଏ ଏହିରୂପ ଲକ୍ଷଣ ଦର୍ଶନରେ ମୃତ୍ୟୁ ହୁଏ ।

GPNanda Colln., Digitized by srujanika@gmail.com

ଘ୍ରାଣଧବ୍ୱାଣଗନ୍ଧଂ ଚ ସୁହୃଦ୍‌ବାକ୍ୟମରୁନ୍ଧତୀଂ ।
ନ ଜିଘ୍ରନ୍ତି ନ ଶୃଣ୍ୱନ୍ତି ନ ପଶ୍ୟନ୍ତି ଗତାୟୁଷଃ । ୫୬ ।
ଏତାନ କାଳଚିହ୍ନାନ ସନ୍ଧ୍ୟାନି ଚ ବହୂନି ଚ ।
ଜ୍ଞାତ୍ୱାଭ୍ୟସ ନରେ ଯୋଗମଥବା କାଶିକାଂ ବ୍ରଜେତ୍ । ୫୭।
କାଳସ୍ୟ ବଞ୍ଚନୋପାୟଂ ଇମଂ ସତ୍ୟଂ ବଦାମ୍ୟହଂ ।
ମୃତ୍ୟୁଂ ଜୟତ ଲୋକସ୍ତୁ କାଶୀନାଥସ୍ୟ ପୂଜନାତ୍ ।
ତଥୈବ ରୋଗଂ ହନ୍ତ୍ୟାଶୁ ବିନା ଔଷଧିଭକ୍ଷଣାତ୍ । ୫୮ ।

--- ସମାପ୍ତଂ । ---

---

୫୬ । ନିର୍ବାଣ ଦୀପର ଗନ୍ଧ, ସୁହୃଦ୍‌ବ୍ୟକ୍ତିର ବାକ୍ୟ ଏବଂ ଅରୁନ୍ଧତୀ ନକ୍ଷତ୍ର ଯେଉଁ ବ୍ୟକ୍ତି ଆଘ୍ରାଣ ଶ୍ରବଣ ଦର୍ଶନ ନ ପାଏ ତାହାର ଆୟୁ କ୍ଷୀଣ ହୋଇଅଛି ।

୫୭ । ଉଲ୍ଲିଖିତ ମୃତ୍ୟୁଚିହ୍ନ ଏବଂ ଅନେକାନେକ ସନ୍ଧ୍ୟସବୁ ଜାଣିକରି ଲୋକଙ୍କର ଯୋଗାଭ୍ୟାସ କିମ୍ବା କାଶୀଧାମ ଗମନ କରିବାର କର୍ତ୍ତବ୍ୟ ।

୫୮ । ଦେବ ! ମୁଁ କାଳକୁ ବଞ୍ଚନା କରିବାର ଏହି ଯଥାର୍ଥ ଉପାୟ କହୁଅଛି ଯଥା;—ଏକମାତ୍ର ମୃତ୍ୟୁଞ୍ଜୟ କାଶୀନାଥଙ୍କର ପୂଜା କଲେ ଔଷଧ ଭକ୍ଷଣ ବ୍ୟତିରେକ ରୋଗମାନଙ୍କୁ ନାଶ କରେ ।

--(* ସମାପ୍ତ *)--

କଟକ, ଅରୁଣୋଦୟ ପ୍ରେସରେ
ପ୍ରିଣ୍ଟର ଚୌ: ଶ୍ରୀ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ମୁଦ୍ରିତ ।

GPNanda Colln., Digitized by srujanika@gmail.com

ବି ଜ୍ଞା ପ ନ

ସତ୍ୟଶୋଧନ୍ସ ପୁ ସ୍ତକାଳୟରେ ଉପସ୍ଥିତ ପୁସ୍ତକମାନ ବାଳକ୍ୟାର୍ଥେ ଗଳ୍ପିତ ପଦ୍ୟ, ଗ୍ରାହକଗଣ ତଲ୍ବକଲେ ପାଇପାରିବେ ।

କମଳାକାନ୍ତ ଚଉତିଶା	ଟ • /୨
ଉଦ୍ଧବ	ଟ •
ଉପଦେଶ	ଟ • (୨
କନ୍ଦ୍ରମାଏ	ଟ • (୨
ଚିନ୍ତାମଣି	ଟ • (୧
ଡଉକଟା	ଟ • (୨
ଜାନକେସାଇ	ଟ • (୨
କଟଶାସ୍ତ୍ରବୋଧ	ଟ • /
କୃପାସିନ୍ଧୁଜଣାଣ	ଟ • (୨
କୋକିଳ	ଟ • /
କୋଜାଜାହ୍ନକ	ଟ • /
ଖଣ୍ଡବାଣୀ	ଟ • (୧
ଗଜନିସ୍ତାରଣ	ଟ • /
ଗୋଧନହରଣ	ଟ ° (୨
ଘମଙ୍କବଞ୍ଚ ,,	ଟ • /
ଘଟାଡ଼ ,,	ଟ • (୧

ପ୍ରାପ୍ତିସ୍ଥାନ—ସତ୍ୟଶୋଧନ୍ସ ପୁ ସ୍ତକାଳୟ ବାଲୁବଜାର, କଟକ,

GPNanda Colln., Digitized by srujanika@gmail.com